# ଆଜି ଅନୁଗୋଲ ଜିଲ୍ଲାରୁ ୨୯ ଜଣ କରୋନା ପଜିଟିଭ ଚିହ୍ନଟ -

## ପଜିଟିଭ ସଂଖ୍ୟା ୧୧୬୩୯ ରେ ପହଞ୍ଚିଲା - ସୁସ୍ଥ ହେଲେ ୩୧ ଜଣ ।

ଅନୁଗୋଲ, ତା,୨୧.୧୨:- ଆଜି ଅନୁଗୋଲ ଜିଲ୍ଲାରେ ୨୯ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଲରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୬ ରେ ପହଂଚିଛି । ଅନୁଗୋଲ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ସର୍ବାଧିକ ୧୦ଜଣ ( ୭ଜଣ ପୁରୁଷ ଓ ୩ଜଣ ମହିଳା), ବଅଁରପାଲ ବ୍ଲକ୍ ଅଂଚଳରୁ ୮ଜଣ (୭ ଜଣ ପୁରୁଷ ଓ ୧ଜଣ ମହିଳା), ତାଲଚେର ବ୍ଲକ୍ ଅଂଚଳରୁ ୬ଜଣ ( ୫ଜଣ ପୁରୁଷ ଓ ୧ଜଣ ମହିଳା), ଅନୁଗୋଲ ପୌରାଞ୍ଚଳରୁ ୨ଜଣ ( ୨ଜଣ ପୁରୁଷ ), ତାଲଚେର ପୌରାଞ୍ଚଳରୁ ୨ଜଣ ( ୨ ଜଣ ପୁରୁଷ ) ଓ ଅନୁଗୋଲ ବ୍ଲକ୍ ଅଂଚଳରୁ ୧ଜଣ ( ୧ଜଣ ପୁରୁଷ ) ଅଛନ୍ତି । ସମସ୍ତେ ଅନ୍ୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି ।। ଆଜି ପାଲଲହଡା ବ୍ଲକ୍ , କଣିହାଁ ବ୍ଲକ ,କିଶୋରନଗର ବ୍ଲକ, ଆଠମଲ୍ଲିକ ବ୍ଲକ ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ କୌଣସି ପଜିଟିଭ ଚିହ୍ନଟ ହୋଇନାହାନ୍ତି । ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଲ ଜିଲ୍ଲାରୁ ୩୧ଜଣ ସୁସ୍ଥ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧ଜଣ କୋଭିଡ ହସପିଟାଲରୁ ଓ ୩୦ ଜଣ ହୋମ Isolation ରୁ ସୁସ୍ଥ ହୋଇଛନ୍ତି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ,ଅନୁଗୋଲ ।**

ଜ୍ଞାପକ ସଂଖ୍ୟା. ୮୨୮ ତା.୨୧.୧୨.୨୦୨୦ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

୨୧/୧୨/୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଲ